## ପ୍ରାକ୍ତନ ଅଧକ୍ଷଙ୍କ ଦେହାନ୍ତରେ ଶୋକସଭା

ଟାଙ୍ଗୀ,୬।୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ କଲେଜର ପ୍ରାକ୍ତନ ଅଧକ୍ଷ ଅକ୍ଷୟ କୁମାର ଧଳଙ୍କ ଦେହାନ୍ତରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ଡ଼ ବିଲକେଶ ପରବିନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଅଧାପକ, ଅଧାପିକା, ଛାତ୍ରଛାତ୍ରୀ ଓ ସମସ୍ତ କର୍ମଚାରୀ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ। ସେ ଜଗତସିଂହପୁର ଏସଭିଏମ କଲେଜ, ସାଲେପୁର କଲେଜ ଓ ଶେଷରେ ଟାଙ୍ଗୀ କଲେଜରେ ଅଧକ୍ଷ ଭାବରେ କାର୍ଯ୍ୟ କରି ୨୦୧୨ ମସିହାରେ ଅବସର ଗ୍ରହଣ କରିଥିବା ଜଣାପଡିଛି।

## ଅଗ୍ନିବିପନ୍ନଙ୍କୁ ସହାୟତା



ନିଶ୍ଚିନ୍ତକୋଇଲି,୬।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଝାଡେଶ୍ୱରପୁର ପଞ୍ଚାୟତ ମଙ୍ଗଳପୁର ଗ୍ରାମର ଅଗ୍ନିବିପନ୍ନ ନଟକୃଷ୍ଣ ବେହେରାଙ୍କୁ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅଗ୍ନିକାଣ୍ଡରେ ଶ୍ରୀ ବେହେରାଙ୍କ ଦୁଇ ବଖରା ଘର ସମେତ ସେଥିରେ ଥିବା ସମସ୍ତ ଆସବାପତ୍ର, ଧାନ ଚାଉଳ, ଗୋଟିଏ ଧାନଗଦା ପୋଡି ନଷ୍ଟ ହୋଇଥିବା ବେଳେ ପାଖରେ ବନ୍ଧା ଯାଇଥିବା ଗାଈ ବାଛୁରି ଆହତ ହୋଇଥିଲେ। ଖବର ପାଇ ବିଧାୟକ ଶ୍ରୀ ପ୍ରଧାନ ତାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେବା ସହିତ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ■ ଭୋଇସାହି



ଆଠଗଡ଼: ସୋମବାର ବିଳମ୍ବିତ ରାତ୍ରିରେ ଆଠଗଡ ବ୍ଲକ ଅନ୍ତର୍ଗତ ରାଧାକିଶୋରପୁର ଭୋଇସାହିର ମଥୁରା ନାଏକଙ୍କ ଦୁଇବଖରା ଚାଳଘର ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଖବର ପାଇ ଘଟଣାସ୍ଥଳରେ ରାଧାକିଶୋରପୁର ସରପଞ୍ଚ ବିନୋଦ ମାଝୀ, ସମିତିସଭ୍ୟ ବିଧାନଚନ୍ଦ୍ର ସ୍ୱାଇଁ, ଆଠଗଡ ଏନ୍‌ଏସିର ଛାତ୍ର ସଭାପତି ମହମ୍ମଦ ଖଲିଦ, ଛାତ୍ରନେତା ଧନେଶ୍ୱର ବେହେରା ଚାଉଳ, ଚୁଡା, ଚିନି, କମଳ, ପିନ୍ଧା ବସ୍ତ୍ର ସହିତ ଆର୍ଥିକ ସାହାଯ୍ୟ କରି ସରକାରଙ୍କ ତରଫରୁ ସହାୟତା ପ୍ରଦାନ ନେଇ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ଫୋନ ଯୋଗେ ଆଲୋଚନା କରିଛନ୍ତି।

## ମହିଳା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର




ନିଶ୍ଚିନ୍ତକୋଇଲି,୬।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟ ପରିସରରେ ମହିଳା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ସୁପ୍ରଭା ପରିଡାଙ୍କ ସଭାପତିତ୍ୱରେ ଏଥିରେ ପ୍ରାଧାପକ ପ୍ରକାଶଚନ୍ଦ୍ର ସାହୁ, ଅଧାପକ ମନମୋହନ ଖଟୁଆ, ଅଧାପକ ରଞ୍ଜନ ସେଠୀ, ଅଧାପକ ରଜନୀକାନ୍ତ ପଣ୍ଡା, ଅଧାପିକା ଡ. କବିତା ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଞ୍ଚାଳିକା ଅଧାପିକା ଦିବ୍ୟାରାଣୀ ବେହେରା ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିବିରରେ ମୋଟ ୧୧୬ ଜଣ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ସଂକ୍ରାନ୍ତରେ ତାଲିମ ପ୍ରଦାନ କରାଯିବ। ପ୍ରଶିକ୍ଷକ ଶୁଭଲକ୍ଷ୍ମୀ ସିଂ ଧନ୍ୟବାଦ ଦେଇଥିଲେ।

# ଯାତ୍ରୀବାହୀ ବସ୍‌ରେ ଅଭିନବ ଢଙ୍ଗରେ ଗୋ-ଚାଲାଣ

## ଦୁର୍ଘଟଣା ପରେ ପର୍ଦ୍ଦାଫାସ୍ କଲା ପୁଲିସ

ବଡ଼ମ୍ବା,୬।୧(ସମିସ)

ବାହାରକୁ ଦିଶୁଥିଲା ଯାତ୍ରୀବାହୀ ଟୁରିଷ୍ଟ ବସ୍, କିନ୍ତୁ ଭିତରେ ଚାଲିଥିଲା ବେଆଇନ ଗୋ-ଚାଲାଣର କଳା କାରନାମା। କଟକ ଜିଲ୍ଲା ବଡ଼ମ୍ବା ଥାନା ଅଧୀନ ବାରସିଂହ ଛକ ନିକଟରେ ଘଟିଥିବା ଏକ ଦୁର୍ଘଟଣା ଏହି ଅଭିନବ ଚୋରା ଚାଲାଣର ଗୁମର ଖୋଲିଛି। ସୋମବାର ସନ୍ଧ୍ୟାରେ ଏକ ଟୁରିଷ୍ଟ ବସ୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହେବା ପରେ ଏହି ସାଂଘାତିକ ସତ୍ୟ ସାମ୍ନାକୁ ଆସିଛି। ସୂଚନା ମୁତାବକ, "ଓଁ ଶିଭମ୍' ନାମକ ଏକ ଟୁରିଷ୍ଟ ବସ୍ ଅତି ଦ୍ରୁତ ଓ ବେପରୁଆ ଭାବେ ଯାଉଥିବା ବେଳେ ବାରସିଂହ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବଡ଼ମ୍ବା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଟିକୁ ଜବତ କରିବା ବେଳେ ଏହାର ଭିତର ଦୃଶ୍ୟ ଦେଖି ଚକିତ ହୋଇଯାଇଥିଲେ। ବାହାରୁ ଚିକ୍କଣ ଓ ସୁନ୍ଦର ଦିଶୁଥିବା ଏହି ବସର ଭିତର ପଟେ କୌଣସି ଯାତ୍ରୀ ସିଟ୍ ନ ଥିଲା। ବରଂ ଗାଡ଼ି ଭିତରେ ମାଳ ମାଳ ଗାଈ ପଘା ଏବଂ ରଶି ପଡ଼ିଥିବାରୁ ଏହା ଗୋ-ଚାଲାଣ ପାଇଁ ବ୍ୟବହାର ହେଉଥିବା ସ୍ପଷ୍ଟ ହୋଇଛି।




ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ବସରୁ ଜବତ କାଗଜପତ୍ରରେ ଜଣଙ୍କ ନାମ ଥିବା ବେଳେ ବାସ୍ତବରେ ବସଟି ଅନ୍ୟ ଜଣଙ୍କ ମାଲିକାନାରେ ରହିଛି। ଗୋ-ମାଂସ ବ୍ୟବସାୟୀମାନେ ପୁଲିସ ଆଖିରେ ଧୂଳି ଦେବା ପାଇଁ ଏଭଳି ଅଭିନବ ଉପାୟ ଅବଲମ୍ବନ କରୁଥିବା ଜଣାପଡ଼ିଛି। ବସଟି କେଉଁଠାରୁ ଆସିଥିଲା ଏବଂ କେଉଁ ଅଞ୍ଚଳକୁ ଗୋ-ଚାଲାଣ କରାଯାଉଥିଲା, ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି। ଏହି ଘଟଣା ସାଧାରଣରେ ଗଭୀର ଉଦ୍‌ବେଗ ସୃଷ୍ଟି କରିଛି। ଆଠଗଡ଼ ଉପଖଣ୍ଡ ଅନ୍ତର୍ଗତ ଆଠଗଡ଼, ଟିଗିରିଆ, ବଡ଼ମ୍ବା ଓ ନରସିଂହପୁର ବ୍ଲକ ଏବେ ଗୋ-ଚାଲାଣକାରୀଙ୍କ ଚରାଭୂଇଁରେ ପରିଣତ ହୋଇଥିବା ଅଭିଯୋଗ ହେଉଛି। ଖୁଲମଖୁଲ୍ଲା ଚାଲିଥିବା ଏହି ବେଆଇନ କାରବାର ଉପରେ କଠୋର ଅଙ୍କୁଶ ଲଗାଇବାକୁ ଜନସାଧାରଣ ଦାବି କରିଛନ୍ତି।

## ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ



ଟିଗିରିଆ,୬।୧(ସମିସ): ଟିଗିରିଆ ବ୍ଲକ ନୂଆପାଟଣା ପଞ୍ଚାୟତସ୍ଥିତ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବେଶ୍ ଆଡମ୍ବର ସହକାରେ 'ପିଏମଶ୍ରୀ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଖଟୁଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଟିଗିରିଆ ବ୍ଲକ ଶିକ୍ଷାଧିକାରୀ ଅମର ମହାରଣା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବଡ଼ମ୍ବା ବ୍ଲକର ଅବସରପ୍ରାପ୍ତ ଶିକ୍ଷାଧିକାରୀ ପ୍ରକାଶଚନ୍ଦ୍ର ମଉଗଜସିଂ ଏବଂ ପୂର୍ବତନ ପ୍ରଧାନଶିକ୍ଷକ କୁଳମଣି ରାଉତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଉତ୍ସବ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା 'ବିକଶିତ ଓଡ଼ିଶା-୨୦୩୬' ଅଭିଯାନକୁ ପାଥେୟ କରି ବିଭିନ୍ନ ଆକାଂକ୍ଷିତ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଏଥିସହ ଏକ ଦୋକାନ ଯାତ୍ରା ମାଧ୍ୟମରେ ହସ୍ତତନ୍ତ ସାମଗ୍ରୀ, ପାରମ୍ପରିକ ଖେଳନା, ପୁସ୍ତକ ମେଳା ଏବଂ ଓଡ଼ିଶାର ସୁଆଦିଆ ପାରମ୍ପରିକ ଖାଦ୍ୟର ଷ୍ଟଲ୍ ମାନ ଖୋଲାଯାଇଥିଲା। କାର୍ଯ୍ୟକ୍ରମର ଅନ୍ୟ ଏକ ଆକର୍ଷଣ ଥିଲା ବରିଷ୍ଠ ଓ କନିଷ୍ଠ ବର୍ଗରେ ଆୟୋଜିତ କୁଇଜ୍ ପ୍ରତିଯୋଗିତା। ବରିଷ୍ଠ ବର୍ଗରେ ଅଜିତ ମହାନ୍ତି ଓ ସ୍ୱପ୍ନା ବାରିକଙ୍କ ଯୋଡ଼ି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କନିଷ୍ଠ ବର୍ଗରେ ରୋଜାଲିନ ମହାରଣା ଓ ସୌମ୍ୟା ଶୁଭଦର୍ଶିନୀ ଗୁଇଁ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସଫଳତା ପାଇଥିବା ଏହି ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ପାଇଁ ମନୋନୀତ ହୋଇଛନ୍ତି। ଶିକ୍ଷକ ମଳୟ ଓଝାଙ୍କ ସଂଯୋଜନାରେ ନାରୀ ସଶକ୍ତିକରଣ ଉପରେ ଆଧାରିତ ଏକ ସୁନ୍ଦର ନାଟକ ପରିବେଷଣ କରାଯାଇଥିଲା। ଏହି ସମଗ୍ର କାର୍ଯ୍ୟକ୍ରମକୁ ଶିକ୍ଷକ ମାଧବଚନ୍ଦ୍ର ପାତ୍ର ଓ ପ୍ରିୟଦର୍ଶିନୀ ବେହେରା ପରିଚାଳନା କରିଥିବା ବେଳେ ସୁଶାନ୍ତ ସାହୁ, ବିରଞ୍ଚି ପାତ୍ର ଏବଂ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସହଯୋଗ କରିଥିଲେ।

## ଦଳିତ ନେତାଙ୍କ ସ୍ମୃତିସଭା



ନିଶ୍ଚିନ୍ତକୋଇଲି,୬।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକରେ କାର୍ଯ୍ୟ କରୁଥିବା ଆମ୍ବେଦକର ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ୱର୍ଗତ ବଟକୃଷ୍ଣ ବେହେରାଙ୍କ ନତକାଇ ଛନ୍ଦା ବଜାରସ୍ଥିତ ବାସଭବନରେ ତାଙ୍କ ଦ୍ୱାଦଶାହ ଦିବସ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ସଂସଦର ସଭାପତି ବିପିନ ବିହାରୀ ମଲିକଙ୍କ ପୌରୋହିତ୍ୟରେ ଏଥିରେ ଡ. ତ୍ରୈଲୋକ୍ୟ ନାଥ, ସୁଶାନ୍ତ ନାୟକ, କରୁଣାକର ସାମଲ, ବିଜୟ କୁଅଁର, ପ୍ରଫେସର ଅରକ୍ଷିତ ମଲିକ, ଲକ୍ଷ୍ମଣ ଲେଙ୍କା, ବ୍ୟୋମକେଶ ପରିଡା, ରାମଚନ୍ଦ୍ର ମଲିକ, ହିମାଂଶୁ ଶେଖର ଭୂୟାଁ, ସନାତନ ମଲିକ, ସରୋଜ ମଲିକ, କଳ୍ପତରୁ ବେହେରା, ଦିଲ୍ଲୀପ ଜେନା, ବିଜୟ ଦାସ, ତପନ ସାମଲ ଯୋଗ ଦେଇଥିଲେ। ସ୍ୱର୍ଗତ ବେହେରା ଶିକ୍ଷକତା ଜୀବନରୁ ଅବସର ନେବା ପରେ ଆମ୍ବେଦକର ସ୍ମୃତି ସଂସଦର ଉପଦେଷ୍ଟା, ଭୀମ୍ ଆର୍ମି ଭାରତ ଏକତା ମିଶନର ସଭ୍ୟ, ପଛୁଆବର୍ଗ, ସଂଖ୍ୟାଲଘୁ କର୍ମଚାରୀ ସଂଘର ସଭ୍ୟ ସମେତ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ସମାଜସେବାରେ ଉତ୍ସର୍ଗୀକୃତ ହୋଇଥିବାରୁ ବକ୍ତାମାନେ ତାଙ୍କର ଗୁଣଗାନ କରିଥିଲେ। ପୁତ୍ର ଚନ୍ଦନ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ଦଧିବାମନଜୀଉ ପ୍ରିମିୟର ଲିଗ୍; ନଗସପୁର ଚାମ୍ପିଅନ



ନିଶ୍ଚିନ୍ତକୋଇଲି,୬।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ନେମାଳଠାରେ ଦଧିବାମନଜୀଉ ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ଗ୍ରାମାଞ୍ଚଳର ମୋଟ ୮ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଷ୍ଟାର ଇଲେଭେନ୍ କ୍ରିକେଟ କ୍ଲବ ନଗସପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ୱିକେଟ ହରାଇ ୫୪ ରନ ସଂଗ୍ରହ କରିଥିଲା। ଜବାବରେ ଉଦୟପୁର କ୍ରିକେଟ କ୍ଲବ ବ୍ୟାଟିଂ କରି ୮ ଓଭରରେ ୯ ୱିକେଟ ହରାଇ ୪୯ ରନ୍ କରି ପରାଜିତ ହୋଇଥିଲା। ଏହି ମ୍ୟାଚ୍‌କୁ ରତି ରଞ୍ଜନ ଦଳାଇ ଓ ବିମଳକାନ୍ତ ମୁଦୁଲି ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ରଶ୍ମିରଂଜନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ସେକ୍ କଲାମ୍ ମ୍ୟାନ୍ ଅଫ୍ ଦି ସିରିଜ୍ ଆଖ୍ୟା ଅର୍ଜନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଅନନ୍ତ କିଶୋର ମୁଦୁଲିଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟ ଅତିଥି ଭାବେ କଟରପଡା ଉତ୍ସାହ ପରିବାରର ସଭାପତି ଦେବାଶିଷ ବେଉରା, ସମ୍ମାନିତ ଅତିଥି ଭାବେ ସ୍ୱେଚ୍ଛାସେବୀ ହେମନ୍ତ ରାଉତ, ଦୀପ୍ତିରଞ୍ଜନ ସ୍ୱାଇଁ, ପ୍ରକାଶ ସ୍ୱାଇଁ, ସେଖ୍ କାଦିର ପ୍ରମୁଖ ଯୋଗ ଦେଇଥିଲେ। ଅଚ୍ୟୁତାନନ୍ଦ ସେଠୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମକୁ ପିୟୁଷ ରଞ୍ଜନ ସେଠୀ, ଭାନୁପ୍ରତାପ ମୁଦୁଲି, ପ୍ରସନ୍ନ ସାହୁ, ଅବିନାଶ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ରାଜନୈତିକ ଶିକ୍ଷାବୋଧ କର୍ମଶାଳା

ନରସିଂହପୁର,୬।୧(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିସାହି ସ୍ଥିତ ପିଏମ ଶ୍ରୀ ମୁକ୍ତାନାଥ ସରକାରୀ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କୁ ନେଇ ରାଜନୈତିକ ଶିକ୍ଷାବୋଧ କର୍ମଶାଳା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଲୋକ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ବିଭିନ୍ନ ରାଜନୈତିକ ଅଭିନୟ କରିବା ସହିତ ରାଜନୈତିକ ଶିକ୍ଷାବୋଧର ଶିକ୍ଷାରେ କିଭଳି ଆଗ୍ରହ ଆସିପାରିବ ସେ ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ମଦନ ମୋହନ ବେହେରାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ନିମ୍ନମାନର କାର୍ଯ୍ୟ ବିରୋଧରେ ଛାତ୍ରଛାତ୍ରୀଙ୍କ ଧାରଣା




ନେମାଳ,୬।୧(ସମିସ): ନେମାଳ ଥାନା ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ପରିସରରେ ନିମ୍ନମାନର କାର୍ଯ୍ୟକୁ ନେଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆନ୍ଦୋଳନ କରାଯାଇଛି। ଅତି ନିମ୍ନମାନର କଲର, ନଟ ଫର ସେଲ ସିମେଣ୍ଟ, ଅତି ନିମ୍ନମାନର ଉପକରଣ କାର୍ଯ୍ୟରେ ବ୍ୟବହୃତ ହୋଇଥିବାରୁ ଛାତ୍ରଛାତ୍ରୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବାରମ୍ବାର ଅଭିଯୋଗ କରିବା ପରେ ବି ନିମ୍ନମାନର କାମ ଜାରି ରହିଥିବାରୁ ଛାତ୍ରଛାତ୍ରୀମାନେ କଲେଜ ଫାଟକକୁ ତାଲା ପକାଇ ଧାରଣାରେ ବସିଥିଲେ ଏବଂ ବିଭିନ୍ନ ପ୍ରକାର ନାରାବାଜି କରିଥିଲେ। ଏହି ଧାରଣା ଖବର ପାଇ ନିଶ୍ଚିନ୍ତକୋଇଲି ବ୍ଲକ ନିର୍ବାହୀ ଯନ୍ତ୍ରୀ ମାନସ କୁମାର କର ପହଞ୍ଚି ପିଲାଙ୍କ ଅସୁବିଧା ୭ ଦିନ ମଧ୍ୟରେ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ତା ପରେ ଛାତ୍ରଛାତ୍ରୀମାନେ ଧାରଣାରୁ ଉଠିଥିଲେ।

## ଜାଭିୟର ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ନିଶ୍ଚିନ୍ତକୋଇଲି,୬।୧(ସମିସ): କଟରପଡ଼ାଠାରେ ଥିବା ନିଶ୍ଚିନ୍ତକୋଇଲି ଜାଭିୟର ହାଇସ୍କୁଲର ୧୬ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ୩ ଦିନ ଧରି ଅନୁଷ୍ଠିତ ହୋଇଛି। ଉଦଘାଟନୀ ଉତ୍ସବରେ ସ୍କୁଲ ଅଧକ୍ଷ ଗୋପବନ୍ଧୁ ରାଉତଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର କଲେଜ ଓଡିଆ ବିଭାଗ ମୁଖ୍ୟ ଅଧାପକ ଜ୍ୟୋତିରଞ୍ଜନ ସାମଲ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରଶ୍ମିତା ରାଉତରାୟ, ଆସ୍ଥା ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷା ପ୍ରମିଳା ନାୟକ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ. ପୁଷ୍ପିତା ଜେନା, ସମ୍ମାନିତ ଅତିଥି ଭାବେ ସ୍କୁଲର ସଂପାଦକ ସ୍ମୃତିରଞ୍ଜନ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଆରାଧନା ମିଶ୍ର ଓ ବିନତି ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ମାନସ ରାଉତଙ୍କ ସଂଯୋଜନାରେ କ୍ରୀଡା ଶିକ୍ଷୟିତ୍ରୀ ଗୀତାଞ୍ଜଳି ରାଉତଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଉପାଧକ୍ଷ ବିରଜା ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।



# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ଚୂଡ଼ାନ୍ତ



## ବାରବାଟୀରେ ହେବ ପରେଡ୍ ରକ୍ତଦାତାଙ୍କୁ ମିଳିବ ପୁସ୍ତକ ଉପହାର

କଟକ,୬।୧(ସମିସ): ଆସନ୍ତା ସାଧାରଣତନ୍ତ୍ର ଦିବସକୁ କଟକ ଜିଲ୍ଲାରେ ଅତ୍ୟନ୍ତ ଉତ୍ସାହ ଓ ଗାରିମାର ସହ ପାଳନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକରେ ଚଳିତ ବର୍ଷର କାର୍ଯ୍ୟକ୍ରମ ସୂଚୀ ଚୂଡ଼ାନ୍ତ କରାଯାଇଛି। ଚଳିତ ବର୍ଷ ଐତିହାସିକ ବାରବାଟୀ ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହେବ। ଏହି ପରେଡରେ ପ୍ରଥମ ଥର ପାଇଁ ଏନଡିଆରଏଫ, ଓଡ୍ରାଫ ଏବଂ ଅଗ୍ନିଶମ ବିଭାଗକୁ ସାମିଲ କରିବା ପାଇଁ ଜିଲ୍ଲାପାଳ ନିଷ୍ପତ୍ତି ନେଇଛନ୍ତି। ପରେଡରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ମଧ୍ୟ ଅଂଶଗ୍ରହଣ କରିବେ। ସାଧାରଣତନ୍ତ୍ର ଦିବସ ପରେଡର ଅନ୍ୟତମ ମୁଖ୍ୟ ଆକର୍ଷଣ ହେବ ବିଭିନ୍ନ ସରକାରୀ ବିଭାଗର ପ୍ରଜ୍ଞାପନ ମେଢ। ବିଶେଷ କରି କଟକର ଗର୍ବ ଓ ଗୌରବ ବାଲିଯାତ୍ରାକୁ ନେଇ ଏକ ସ୍ୱତନ୍ତ୍ର ପ୍ରଜ୍ଞାପନ ମେଢ ପ୍ରଦର୍ଶିତ ହେବାକୁ ସ୍ଥିର ହୋଇଛି। ଏଥିସହ ସାମାଜିକ ସେବାକୁ ପ୍ରୋତ୍ସାହିତ କରିବା ପାଇଁ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ଏକ ବୃହତ ରକ୍ତଦାନ ଶିବିର ଆୟୋଜିତ ହେବ। ଏହି ବର୍ଷ ଏକ ଅଭିନବ ପ୍ରୟାସ ସ୍ୱରୂପ ଇଣ୍ଡୋର ଷ୍ଟାଡିୟମ ପରିସରରେ ଏକ ପୁସ୍ତକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେବ ଏବଂ ପ୍ରତ୍ୟେକ ରକ୍ତଦାତାଙ୍କୁ ସମ୍ମାନଜନକ ଭାବେ ଗୋଟିଏ ଲେଖାଏଁ ପୁସ୍ତକ ଉପହାର ସ୍ୱରୂପ ପ୍ରଦାନ କରାଯିବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଉତ୍ସବରେ ପୁରସ୍କୃତ କରାଯିବ। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବାର ଯୋଜନା ରହିଛି। ଏହି ସମ୍ବର୍ଦ୍ଧନା ପାଇଁ ଆବେଦନ କରିବାକୁ ଚାହୁଁଥିବା ବ୍ୟକ୍ତି ବା ଅନୁଷ୍ଠାନ ଆସନ୍ତା ୧୭ ତାରିଖ ସୁଦ୍ଧା ସମ୍ପୃକ୍ତ ବିଭାଗ ନିକଟରେ ଆବେଦନ କରିପାରିବେ। କଟକ ମହାନଗର ନିଗମ ଆୟୁକ୍ତ ସୁଶ୍ରୀ କିରନଦୀପ କୌର ସହୋତା ଏବଂ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋଙ୍କ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେବ। ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅନ୍ୟ ଅତିରିକ୍ତ ଜିଲ୍ଲାପାଳ ଓ ବିଭାଗୀୟ ମୁଖ୍ୟ ମତ ଦେଇଥିଲେ।

## ୨ୟ ଧବଳେଶ୍ୱର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଜଗତସିଂହପୁର ବିଜୟୀ



ଆଠଗଡ଼,୬।୧(ସମିସ): ଆଠଗଡ ଷ୍ଟାଡିୟମଠାରେ ଆଠଗଡ ଭେଟେରାନ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨ୟ ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିବସରେ ଅନୁଷ୍ଠିତ ରୋମାଞ୍ଚକର ମ୍ୟାଚରେ ସୁରପ୍ରତାପ କ୍ରିକେଟ କ୍ଲବ ଢେଙ୍କାନାଳକୁ ୭ ରନରେ ପରାସ୍ତ କରି ଏସିସି ଜଗତସିଂହପୁର ବିଜୟ ଲାଭ କରିବା ସହିତ ସେମିଫାଇନାଲରେ ପ୍ରବେଶ କରିଛି। ଟସରେ ଜିତି ଢେଙ୍କାନାଳ ଦଳ ଜଗତସିଂହପୁର ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ପ୍ରଥମେ ବ୍ୟାଟିଂ କରି ଜଗତସିଂହପୁର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୯୭ ରନ୍ ସଂଗ୍ରହ କରିଥିଲେ। ୨୯୮ ରନ୍‌ର ବିଶାଳ ଲକ୍ଷ୍ୟ ନେଇ ବ୍ୟାଟିଂ କରିବାକୁ ଯାଇ ଢେଙ୍କାନାଳ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସମ୍ମୁଖିନ ହୋଇଥିଲେ ମଧ୍ୟ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ବିନିମୟରେ ୨୯୦ କରି ୭ ରନରେ ପରାସ୍ତ ହୋଇଥିଲେ। ଜଗତସିଂହପୁର ଦଳର ମନୋଜ ବେହେରା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇଥିଲେ। ଆଜିର ମ୍ୟାଚକୁ ଅମ୍ପାୟାର ଭାବେ ଏମ୍. ଡି ସୂରଜ ଓ ଅଲୁପ ଦାଶ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ଏନ୍‌ଏସି ଅଧକ୍ଷା ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ ଓ ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. ମାତୃ ପ୍ରସାଦ ଦାଶ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତାକାଲିର ମ୍ୟାଚ ଆଇଆରସି ଭୁବନେଶ୍ୱର ଓ ବାଙ୍କୀ କ୍ରିକେଟ ଆସୋସିଏସନ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି।

